ପ୍ରେସ ଇସ୍ତାହାର

# ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ୨୦୧୯

ଭାରତ ନିର୍ବାଚନ ଆୟୋଗଙ୍କ ଅନୁମୋଦନ କ୍ରମେ ଚୁଡାନ୍ତ ଭୋଟର ତାଲିକା ଆଜି (୨୧.୦୧.୨୦୧୯) ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳଙ୍କ ଦ୍ଵାରା ପ୍ରକାଶିତ ହୋଇଛି । ୧.୧.୨୦୧୯ କୁ ଭିତ୍ତି କରି ଭୋଟର ତାଲିକା ଚିଠା ଭୋଟର ତାଲିକା ୧.୯.୨୦୧୮ କୁ ପ୍ରକାଶ କରା ଯାଇଥିଲା । ଚିଠା ଭୋଟର ତାଲିକାରେ 3,12,52,333 ଭୋଟର ଥିଲେ ଏବଂ ୧.୯.୧୮ ଠାରୁ ୧୫.୧୧.୧୮ ମଧ୍ୟରେ ତାଲିକାରେ ନାମ ଯୋଗ, ବାଦ ଓ ସଂଶୋଧନ ନିମନ୍ତେ ଆବେଦନ ଗ୍ରହଣ କରା ଯାଇଥିଲା ।

ଏହି ସଂଶୋଧନ କାର୍ଯ୍ୟକ୍ରମରେ ନାମ ଯୋଗ କରିବା ନିମନ୍ତେ ହସ୍ତଗତ ହୋଇଥିବା 12,08,396 ଦରଖାସ୍ତ ମଧ୍ୟରୁ 11,98,819 ନାମ ଯୋଗ ହୋଇଛି । ଫର୍ମ-7 ରେ ନାମ ବାଦ କରିବା ନିମନ୍ତେ 6,47,486 ଆବେଦନ ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ଫର୍ମ-7 ଏବଂ ସ୍ୱେଚ୍ଛାକୃତ ବାଦ କୁ ମିଶାଇ ମୋଟ 6,50,365 ଭୋଟରଙ୍କ ନାମ ବାଦ କରାଯାଇଅଛି । ଫର୍ମ-8 ରେ ସଂଶୋଧନ ନିମନ୍ତେ ହସ୍ତଗତ ହୋଇଥିବା 4,68,420 ଦରଖାସ୍ତ ମଧ୍ୟରୁ 4,50,353 ସଂଶୋଧନ କରାଯାଇଅଛି । ଚୁଡାନ୍ତ ଭୋଟର ତାଲିକା ୨୦୧୯ ରେ **1,63,37,310** ପୁରୁଷ, **1,54,60,545** ମହିଳା ଓ **2932** ତୃତୀୟ ଲିଙ୍ଗ , ମୋଟ **3,18,00,787** ଭୋଟର ଅଛନ୍ତି ।

Gender Ratio ୨୦୧୮ ଭୋଟର ତାଲିକାରେ ୯୩୯ ଥିଲା ବେଳେ, ଚୁଡାନ୍ତ ଭୋଟର ତାଲିକା ୨୦୧୯ ରେ ଏହା ୯୪୬ କୁ ବୃଦ୍ଧି ପାଇଛି । ସେହି ଭଳି ୧୮-୧୯ ବର୍ଷ ବୟସ ଭୋଟର ଙ୍କ ସଂଖ୍ୟା1,33,896 ରୁ 5,45,401କୁ ବୃଦ୍ଧି ପାଇଛି । ପ୍ରଥମ ଥର ପାଇଁ 1,90,037 ଭିନ୍ନକ୍ଷମ ଭୋଟର ତାଲିକାରେ ଚିହ୍ନଟ ହୋଇଛନ୍ତି । ଆଗାମୀ ନିର୍ବାଚନରେ ଏହି ଭିନ୍ନକ୍ଷମ ଭୋଟର ମାନଙ୍କ କିଛି ବିଶେଷ ସୁବିଧା ଯୋଗାଇଦେବା ନିମନ୍ତେ ଯୋଜନା କରାଯାଉଅଛି।

କମ୍ପୁଟର ଦ୍ୱାରା 9,02,792 Demographically Similar Entries (DSEs) ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ଥିଲା। ପ୍ରାଥମିକ ଯାଞ୍ଚ ପରେ ପ୍ରାୟଃ 297323 ଭୋଟର ମାନଙ୍କୁ doubtful ଏବଂ matching category ରେ ଚିହ୍ନଟ କରାଯାଇଥିଲା ଏବଂ ବଳକା Non-DSE ଭାବେ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ 180391 ଭୋଟରଙ୍କୁ DSE, ଦୋହରା ଏବଂ ସ୍ଥାନାନ୍ତରିତ ଭୋଟର ହିସାବରେ ନାମ ବାଦ୍ କରାଯାଇଅଛି ।

ଚୂଡାନ୍ତ ଭୋଟର ତାଲିକାରେ ଫଟୋ ଥିବା ଭୋଟରଙ୍କ ସଂଖ୍ୟା 97.79%ରୁ (2018) 98.01% କୁ ବୃଦ୍ଧି ପାଇଛି ଏବଂ ଫଟୋ ପରିଚୟ ପତ୍ର ସଂଖ୍ୟା ଥିବା ଭୋଟରଙ୍କ ସଂଖ୍ୟା 98.22% ରୁ 98.38% କୁ ବୃଦ୍ଧି ପାଇଛି ।

୨୦୧୮ ଭୋଟର ତାଲିକାରେ 35896 ଭୋଟ ଗ୍ରହଣ କେନ୍ଦ୍ର ଥିଲା ବେଳେ, ଚୁଡାନ୍ତ ଭୋଟର ତାଲିକା ୨୦୧୯ ରେ 37606 ଭୋଟ ଗ୍ରହଣ କେନ୍ଦ୍ର ଅଛି ।

ଆଗାମୀ ନିର୍ବାଚନ ରେ ଭୋଟ ଦେବା ନିମନ୍ତେ ଭୋଟର ମାନେ ତାଙ୍କ ନାମ ଭୋଟର ତାଲିକା ରେ ଅନଲାଇନ www.ceoorissa.nic.in / www.nvsp.in ରେ ଯାଞ୍ଚ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରୋଧ କରିଛନ୍ତି । ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ **ଭୋଟର ସହାୟତା କେନ୍ଦ୍ର** 31 ଜାନୁୟାରୀ 2019 ସୁଦ୍ଧା ଖୋଲା ଯିବ। ଏହି କେନ୍ଦ୍ର ମାନଙ୍କ ରେ ମଧ୍ୟ ଭୋଟର ମାନେ ସେମାନଙ୍କ ନାମ ଯାଞ୍ଚ କରି ପାରିବେ । ଯେଉଁ ଭୋଟରଙ୍କୁ ୧.୧.୧୯ କୁ ୧୮ ବର୍ଷ ହେଉଥିବ, ଅଥବା ନୂତନ ବାସସ୍ଥାନରେ ଭୋଟର ତାଲିକା ଭୁକ୍ତ ହେବା ନିମନ୍ତେ ବୁଥ ସ୍ତରୀୟ ଅଧିକାରୀ (BLO) ଙ୍କ ନିକଟରେ ଫର୍ମ ୬ ଦାଖଲ କରି ପାରିବେ । ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ମଧ୍ୟ ଭୋଟର ସହାୟତା କେନ୍ଦ୍ର ଖୋଲା ଯିବାର ବ୍ୟବସ୍ଥା କରାଯାଉଅଛି।

ସର୍ଭିସ୍ ଭୋଟର- ଚିଠା ଭୋଟର ତାଲିକାରେ 28175 ଜଣ ସର୍ଭିସ୍ ଭୋଟରଙ୍କ ନାମ ରହିଥିବା ବେଳେ ଚୂଡାନ୍ତ ଭୋଟର ତାଲିକା 2019 ରେ 9245 ଜଣ ସର୍ଭିସ୍ ଭୋଟର ନୂତନ ଭାବେ ପଞ୍ଜିକୃତ ହୋଇଛନ୍ତି ଏବଂ ସର୍ବମୋଟ 37,42[illegible] ଜଣ (ପୁରୁଷ-36,102, ସ୍ତ୍ରୀ-1321) ସର୍ଭିସ୍ ଭୋଟରଙ୍କ ନାମ ଚୂଡାନ୍ତ ଭୋଟର ତାଲିକାରେ ରହିଛି।

ନିଶୁଳ୍କ ନମ୍ବର 1950: ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ୨୦୧୯ କାର୍ଯ୍ୟକ୍ରମ ମଧ୍ୟ ରେ 1950 ରେ ୪୨୦୦୦ ରୁ ଉର୍ଦ୍ଧ କଲ ଆସି ଥିଲା। ଏବେ ଏହି ନିଶୁଳ୍କ ନମ୍ବର ପ୍ରତି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ ସଂଯୋଗ ହୋଇ ଅଛି । କାର୍ଯ୍ୟାଳୟ ସମୟ ସକାଳ ୧୦ ଟା ରୁ ସନ୍ଧ୍ୟା ୫ ଟା ମଧ୍ୟରେ ଭୋଟର ମାନେ ଏହି ନମ୍ବର ରେ ଫୋନ କରି ଭୋଟର ତାଲିକା ତାଙ୍କ ନାମ କେଉଁ ଭୋଟ ଗ୍ରହଣ କେନ୍ଦ୍ର ରେ ଅଛି ଏହା ଜାଣିପାରିବେ ଓ ଭୋଟର ପରିଚୟ ପତ୍ର ବିଷୟରେ ଜାଣି ପାରିବେ ।

ପ୍ରତି ଜିଲା ରେ ୨ ଜଣ Contact Centre Agents ରହିବେ ଓ ଭୋଟର ମାନଙ୍କ ପ୍ରଶ୍ନ ବା ଅଭିଯୋଗ register କରିବେ । www.ceoorissa.nic.in / www. nvsp.in ରୁ ଯାଞ୍ଚ କରି ବୁଥ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବେ । ଅଭିଯୋଗ ଗୁଡିକ National Grievance Service Portal (www.ngsp.in) ରେ register କରିବେ। ଅଭିଯୋଗକାରୀ ତାଙ୍କ ଅଭିଯୋଗ କୁ ଏହି ୱେବସାଇଟ ରେ track କରିପାରିବେ।

ଜାତୀୟ ଭୋଟର ଦିବସ 2019 :

ନବମ ଜାତୀୟ ଭୋଟର ଦିବସ ଆସନ୍ତା 25 ଜାନୁୟାରୀ 2019 ରେ ପାଳନ କରାଯିବ । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ବର ଠାରେ ଆୟୋଜିତ ହେବ । ଏଥିରେ ମହା ମହିମ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମ ଅବସରରେ 1000 NSS, NCC, ଛାତ୍ର ଛାତ୍ରୀ ଯୋଗ ଦେବେ ଏବଂ ବିଭିନ୍ନ ନିର୍ବାଚନ ସଙ୍କେତ ପ୍ରଦର୍ଶନୀ କରିବେ। ନୂତନ ଭୋଟର ମାନଙ୍କୁ ତାଙ୍କ ଭୋଟର ପରିଚୟ ପତ୍ର ପ୍ରଦାନ କରାଯିବ । ରାଜ୍ୟ ସ୍ତରୀୟ Quiz, debate, poster & slogan ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

ଏହି ଅବସର ରେ ଏକ ସାଇକେଲ ଶୋଭାଯାତ୍ରା ବିଜୁ ପଟ୍ଟନାୟକ ପାର୍କ ଠାରୁ ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ, ରୂପାଲୀ, ନିକ୍କୋ ପାର୍କ ଦେଇ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଆସିବେ । ଏଥିରେ NSS, NCC, Bharat Scouts & Guides ର ଛାତ୍ର ଛାତ୍ରୀ ମାନେ ଭାଗ ନେବେ । ଆସନ୍ତା ସାଧାରଣତନ୍ତ୍ର ଦିବସ 26.01.2019 ପାଳନ ଅବସରରେ ଯୁବ ଭୋଟର ଭାଇ ଭଉଣୀ ମାନଙ୍କୁ ମତଦାନ ସଂମ୍ପର୍କରେ ସଚେତନ କରିବା ନିମନ୍ତେ ଏକ ସଚେତନତା ରଥ ରାଜ୍ୟ ସ୍ତରୀୟ ପ୍ୟାରେଡରେ ଅଂଶଗ୍ରହଣ କରିବ ।

Voters Carnival: ଜନସାଧାରଣଙ୍କୁ ଭୋଟର ଦିବସ ବିଷୟେରେ ସଚେତନ ପାଇଁ ରାଜଧାନୀ ଭୁବନେଶୱର ରେ 3 ଟି ରଥ ରେ EVM- VVPAT ର ମଡେଲ ପ୍ରଦର୍ଶନୀ କରା ଯିବ । ବିଭିନ୍ନ ଜିଲ୍ଲା ରୁ ସାଂସ୍କୃତିକ ଦଳ ଏହି ରଥ ସାଙ୍ଗରେ ଯିବେ । Infosys ଛକ - ପଟିଆ – କଳିଙ୍ଗ ହସ୍ପିଟଲ ଛକ – ଜୟଦେବ ବିହାର – କଳିଙ୍ଗ ଷ୍ଟାଡିୟମ ଦେଇକି ପ୍ରଥମ ରଥ, ସାଇ ମନ୍ଦିର – ରବି ଟକୀଜ- ସିରିପୁର- ସିଆରପି ଛକ – ପାୱାର ହାଉସ ଛକ – କଳିଙ୍ଗ ଷ୍ଟାଡିୟମ ଦେଇକି ଦିତୀୟ ରଥ ଏବଂ ତୃତୀୟ ରଥ ବାଣୀ ବିହାର – ମାଷ୍ଟର କ୍ୟାଣ୍ଟିନ- ରାଜମହଲ- ରାମ ମନ୍ଦିର- ରୂପାଲୀ- ନିକ୍କୋ ପାର୍କ- କଳିଙ୍ଗ ଷ୍ଟାଡିୟମ ପ୍ରଦର୍ଶନୀରେ ଯିବେ ।

EVM- VVPAT ସଚେତନତା କାର୍ଯ୍ୟକ୍ରମ: ସମଗ୍ର ରାଜ୍ୟରେ ଇଭିଏମ – VVPAT machine ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତି ଗାଁ / ବୁଥ ରେ 7 ଜାନୁୟାରୀ, 2019 ଠାରୁ ସଚେତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜନସାଧାରଣ ଅଧିକ ସଂଖ୍ୟା ରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଅନୁରୋଧ କରିଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା

Annexure-I

**The name of the Winners of the State Level Competitions on Debate / Quiz, Slogan Writing, Poster Making held on 15.01.2019 at Utkal University, Vani Vihar, Bhubaneswar**

A. **Debate (Odia)**

| Sl. No | Name | Position | District | Address Mobile No Email |
|---|---|---|---|---|
| 1 | Suryakanta Singh | 1st | Kendrapara | Mo-6370440193 |
| 2 | Deepak Kumar Prusty | 2nd | Keonjhar | Mob-6371674149 |
| 3 | Mohd. Alli | 3rd | Nuapada | Mob-8018872626 |
| 4 | J. Rameswar Patra | 3rd | Ganjam | Mob-9692341219 |

B. **Debate (English)**

| Sl. No | Name | Position | District | Address Mobile No Email |
|---|---|---|---|---|
| 1 | Shubham Kumar Nath, | 1st | Khurdha | Mo-9437120087 |
| 2 | Dimple Agarwal | 2nd | Koraput | Mob-9040336741 |
| 3 | Sradhanjali Mohapatra | 3rd | Jagatsinghpur | Mob-9937070399 |

**Debate (Hindi)**

| Sl. No | Name | District | Address Mobile No Email |
|---|---|---|---|
| 1 | Nivha Kumari | Jharsuguda | Mob-9337371366 |

C. **Quiz**

| Sl. No | Name | Position | District | Address Mobile No Email |
|---|---|---|---|---|
| 1 | Dibyandu Priyanshu Panda | 1st | Kandhamal | Mo-9438620388 |
| 2 | Hrushikesh Sahoo | 2nd | Kalahandi | Mob-9668036300 |
| 3 | Snehashish Mahakud | 3rd | Mayurbhanj | Mob-8328894451 |

D. **Slogan Writing**

| Sl. No | Name | Position | District | Address Mobile No Email |
|---|---|---|---|---|
| 1 | Hiteswar Kusulia | 1st | Rayagada | Mo-7894381770 |
| 2 | Anwesha Mohapatra | 2nd | Boudh | Mob-9438212584 |
| 3 | Om Subhasish Bisoi | 3rd | Koraput | Mob-9348292106 |
| 4 | Dharashree Bal | 3rd | Keonjhar | Mob-8456800889 |

**D-Poster Making**

| Sl. No | Name | Position | District | Address Mobile No Email |
|---|---|---|---|---|
| 1 | Janmejaya Dwivedi | 1st | Puri | Mo-8673743733 |
| 2 | Barsha Priyadarshini | 2nd | Dhenkanal | Mob-8637257780 |
| 3 | Jitendra Kumar Mohanty | 3rd | Boudh | Mob-8117963163 |